## ସଂକ୍ଷେପରେ

### ବିଜେଡିରେ ମିଶିଲେ ବ୍ଲକ କଂଗ୍ରେସ ଉପସଭାପତି



**ବନ୍ତ,୨୮।୪(ଡି.ଏନ.ଏ.):** ଭଦ୍ରକ ଜିଲା ବନ୍ତ ବ୍ଲକ କଂଗ୍ରେସ ଉପସଭାପତି ନିରଞ୍ଜନ ମଲ୍ଲିକ ଗୁରୁବାର ବିଜେଡିରେ ଯୋଗ ଦେଇଛନ୍ତି। ବିଜେଡିର ରାଜ୍ୟ ସମ୍ପାଦକ ଇଂ. ପ୍ରୟାସକାନ୍ତି ସାମଲ, ଯୁବନେତା ଅକ୍ଷୟ ଦାସ, ସନ୍ତୋଷ ବାରିକ, ଶ୍ରୀକାନ୍ତ ପଲେଇ, ବିଶ୍ୱନାଥ ମଲ୍ଲିକ ପ୍ରମୁଖ ଉପସ୍ଥିତ ଥିଲେ। ବିଜେଡି ସୁପ୍ରିମୋ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କ ନୀତି ଆଦର୍ଶ, ଭଣ୍ଡାରିପୋଖରୀ ବିଧାୟକ ପ୍ରଫୁଲ୍ଲ ସାମଲଙ୍କ ଉପରେ ଆସ୍ଥା ପ୍ରକଟ କରି ବିଜେଡିରେ ସାମିଲ ହୋଇଥିବା ନିରଞ୍ଜନ କହିଛନ୍ତି।

### ଆଇନ ଉଲ୍ଲଂଘନକାରୀ ଗିରଫ

**ଯୋଡ଼ା,୨୮।୪(ଡି.ଏନ.ଏ.):** କେନ୍ଦୁଝର ଜିଲା ଯୋଡ଼ା ସହରରେ ଲାଗିଥିବା ୧୪୪ଧାରା ବେଳେ ଆଇନ ଉଲ୍ଲଂଘନ କରିଥିବା ଅଭିଯୋଗରେ ପୋଲିସ ଜଣେ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେ ହେଲେ ଯୋଡ଼ା ବସ୍ତିର ବିକି ସୋନକର। ପ୍ରକାଶ ଯେ, ଯୋଡ଼ା ସହରରେ ଦୁଇ ଗୋଷ୍ଠୀ ମଧ୍ୟରେ ଗୋଷ୍ଠୀ ସଂଘର୍ଷ ଯୋଗୁଁ ପ୍ରଶାସନ ପକ୍ଷରୁ ୧୪୪ଧାରା ଜାରି କରାଯାଇଥିଲା। ତେବେ ଗତ ୧୨ତାରିଖ ରାତିରେ ସହରର ଉଲିହଟିଂରେ ରହୁଥିବା କିଛି ଲୋକ ଏହାକୁ ଉଲ୍ଲଂଘନ କରି କାର୍ଯ୍ୟରତ ପୋଲିସ ସହିତ ଉତେଜନା ମୂଳକ ପରିସ୍ଥିତି ସୃଷ୍ଟି କରିଥିଲେ। ଏନେଇ ପୋଲିସ ଏକ ମାମଲା(ନଂ. ୬୭/୨୨) ରୁଜୁ କରିଥିଲା। ଏହି ମାମଲାରେ ଆହୁରି ଅନେକ ଲୋକଙ୍କ ସଂପୃକ୍ତି ଥିବା ଆଇଆଇସି ପଦ୍ମାଳୟା ସାହୁ କହିଛନ୍ତି।

### ଉତ୍କଳ ଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ

**ବାରିପଦା ଅଫିସ,୨୮।୪:** ଉତ୍କଳ ସମ୍ମିଳନୀ ମୟୂରଭଞ୍ଜ ଶାଖାର ସଭାପତି କଳ୍ପନା ଷଡ଼ଙ୍ଗୀଙ୍କ ସଭାପତିତ୍ୱରେ ଉତ୍କଳଗୌରବ ମଧୁସୂଦନ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ମୁଖ୍ୟଅତିଥି ଭାବେ ଖବରଦାତା ସଞ୍ଜୟ କୁମାର ଚୌଧୁରୀ ଯୋଗଦେଇ ମଧୁବାବୁଙ୍କ ଭାଷାଭିତ୍ତିକ ରାଜ୍ୟ ଗଠନର ପରିକଳ୍ପନା ଓ ସେସବୁକୁ ରୂପାନ୍ତରିତ କରିବା ପାଇଁ ଏବେବି ଏ ଜାତିକୁ ଅନେକ କିଛି ଉତ୍ସର୍ଗୀକୃତ କରିବାର ସମୟ ଆସିଛି ଓ ମଧୁବାବୁ ଓଡ଼ିଆ ଜାତିର ଅସ୍ମିତା ତଥା ପ୍ରତୀକ ବୋଲି କହିଥିଲେ। ଉପସଭାପତି ଡ. ଶ୍ୟାମସୁନ୍ଦର ଦାସ ମଧୁବାବୁଙ୍କ ଜନ୍ମକୁଣ୍ଡଳୀ ଉପରେ ଦୃଷ୍ଟିପାତ କରିବା ପୂର୍ବକ ଉତ୍କଳ ସମ୍ମିଳନୀ ଗଠନରେ ତାଙ୍କର ଲକ୍ଷ୍ୟ ଓ ଉଦ୍ଦେଶ୍ୟ ସମ୍ପର୍କରେ ବର୍ଣ୍ଣନା କରିଥିଲେ। ଉତ୍କଳ ସମ୍ମିଳନୀ କେନ୍ଦ୍ରୀୟ କମିଟିର ଯୁଗ୍ମ ସମ୍ପାଦକ ବୈଦ୍ୟନାଥ ରଥ, କୈବଲ୍ୟ ପ୍ରସାଦ ମହାପାତ୍ର, ବାସନ୍ତୀ ଲତା ମହାପାତ୍ର, ରମାକାନ୍ତ ମହାନ୍ତି, ପର୍ଶୁରାମ ସାହୁ ଓ ବୀଣାପାଣି ପଣ୍ଡା ପ୍ରମୁଖ ଯୋଗଦେଇ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। କୋଷାଧ୍ୟକ୍ଷ ବିଦ୍ୟାଧର ବେରା ଧନ୍ୟବାଦ ଅର୍ପଣ କରିଥିଲେ।

### ପ୍ରତିରୋଧକ୍ଷମ ଗୋଷ୍ଠୀ ଗଠନ ପାଇଁ ତାଲିମ

**ପଦ୍ମପୁର, ୨୮।୪(ଡି.ଏନ.ଏ.):** ଭଦ୍ରକ ଜିଲା ବାସୁଦେବପୁର ବ୍ଲକରେ ପ୍ରତିବର୍ଷ ବନ୍ୟା, ବାତ୍ୟା ଫଳରେ ଧନଜୀବନ ବ୍ୟାପକ ଭାବେ କ୍ଷତିଗ୍ରସ୍ତ ହୋଇଥାଏ। ଏହାକୁ ଦୃଷ୍ଟିରେ ରଖି ବ୍ଲକର ଆନ୍ଦୋଳା ଓ ବାଲିମେଦ ପଞ୍ଚାୟତରେ ବାଲେଶ୍ୱର ସୋସିଆଲ ସର୍ଭିସ୍ ସୋସାଇଟି ପକ୍ଷରୁ ଗ୍ରାମବାସୀଙ୍କ ଜୀବନ ଜୀବିକା ସୁରକ୍ଷା ନେଇ ବିଭିନ୍ନ ତାଲିମ କାର୍ଯ୍ୟକ୍ରମ ହାତକୁ ନିଆଯାଇଛି। ଗୁରୁବାର ଜିଲା ସଂସ୍କୃତି ଭବନଠାରେ ପ୍ରତିରୋଧକ୍ଷମ ଗୋଷ୍ଠୀ ଗଠନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବିଡିଓ ସତ୍ୟଜିତ ରାଉତ, ଜିପିଓ ଅଶୋକ କୁମାର ସାହୁ, ଜୀବିକା ମିଶନର ବିପିଏମ୍ ବୀଣାପାଣି ପଣ୍ଡା, ବିଏସ୍ଏସ୍‌ର ନିର୍ଦ୍ଦେଶକ ଫାଦର ଲିଜୋଜର୍ଜ, ଉଇଲିୟମ ବାରିକ, ସତ୍ୟରଞ୍ଜନ ମହାପାତ୍ର, ସନ୍ତୋଷ ଗ୍ରହାଚାର୍ଯ୍ୟ, ଲାଇଫ ଲାଇନ ଅନୁଷ୍ଠାନର ସମ୍ପାଦକ ରମାକାନ୍ତ ଡାଙ୍ଗୁଆ, ମାନଗୋବିନ୍ଦ ସେବା ସଂସ୍ଥାର ସଭାପତି କାଳିପଦ ରାୟ, କଳିକା ମହାପାତ୍ର, ବାଲିମେଦ ସରପଞ୍ଚ ସଂଯୁକ୍ତା ଦାସ ପ୍ରମୁଖ ଯୋଗ ଦେଇଥିଲେ। ପଞ୍ଚାୟତିରାଜ ବିଭାଗର ପ୍ରତିନିଧିମାନଙ୍କୁ ବିପର୍ଯ୍ୟୟ ମୁକାବିଲା ତାଲିମ ଦେବା ସମ୍ପର୍କରେ ବୈଠକରେ ଆଲୋଚନା କରାଯାଇଥିଲା।

## ମାଟ୍ରିକ ପରୀକ୍ଷା ଆଜି

# ଛାତ୍ରୀଛାତ୍ରଙ୍କ ମନରେ ଉତ୍କଣ୍ଠା

**ଆରଡ଼ି, ୨୮।୪ (ଡି.ଏନ.ଏ.)**

ଶୁକ୍ରବାରଠାରୁ ଆରମ୍ଭ ହେବ ମାଟ୍ରିକ୍ ପରୀକ୍ଷା। ଏଥର ନିଜ ବିଦ୍ୟାଳୟ କିମ୍ବା ପାଖ ସ୍କୁଲରେ ଛାତ୍ରୀଛାତ୍ର ପରୀକ୍ଷା ଦେବେ। କରୋନାରେ ପ୍ରଭାବିତ ଛାତ୍ରୀଛାତ୍ର ପରୀକ୍ଷା ପାଇଁ ପ୍ରସ୍ତୁତ ହୋଇଥିଲେ ବି ଯେହେତୁ ବର୍ଷାଧିକ ସମୟ ସ୍କୁଲ ବନ୍ଦ ଥିଲା, ଏଣୁ ଅଭିଭାବକମାନେ ଚିନ୍ତାବ୍ୟକ୍ତ କରିଛନ୍ତି। ଭଦ୍ରକ ଜିଲା ଧାମନଗର ଓ ଚାନ୍ଦବାଲି ବ୍ଲକ ଅଞ୍ଚଳରେ ମାଟ୍ରିକ ପରୀକ୍ଷାକୁ ନେଇ ଛାତ୍ରୀଛାତ୍ରଙ୍କ ମନରେ ଉତ୍କଣ୍ଠା ରହିଛି। ଚଳିତବର୍ଷ ଧାମନଗର ବ୍ଲକର ମୂରଲୀଧର ନୋଡାଲ ହାଇସ୍କୁଲକୁ ନୋଡାଲ ସେଣ୍ଟର କରାଯାଇଛି। ଏହି ସେଣ୍ଟର ଅଧୀନ ଧାମନଗର ବ୍ଲକର ୧୦ ଓ ଚାନ୍ଦବାଲି ବ୍ଲକର ୨ପରୀକ୍ଷା କେନ୍ଦ୍ରରେ ମୋଟ ୨,୨୫୨ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଏଠାରେ କଡ଼ା ସୁରକ୍ଷାରେ ପ୍ରଶ୍ନପତ୍ର ରଖାଯାଇଛି। ପରୀକ୍ଷା ପୂର୍ବରୁ ସମସ୍ତ କେନ୍ଦ୍ରରେ ପ୍ରଶ୍ନପତ୍ର ପହଞ୍ଚାଇବା ବ୍ୟବସ୍ଥା କରାଯାଇଛି।

### ଜିଲାରେ ୨୩,୦୭୭ ପରୀକ୍ଷାର୍ଥୀ

**ଭଦ୍ରକ ଅଫିସ, ୨୮।୪**

ଭଦ୍ରକ ଜିଲାରେ ୪୧୦ ମଧ୍ୟମା ପରୀକ୍ଷାର୍ଥୀଙ୍କୁ ମିଶାଇ ୩୧୭ଟି ସ୍କୁଲର ମୋଟ ୨୩,୦୭୭ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ୧୧ଟି ନୋଡାଲ ସେଣ୍ଟର ହୋଇଥିବା ବେଳେ ୩୧ଟି ଡେସ୍‌ପାଚ୍ ଟିମ୍ ପ୍ରଶ୍ନପତ୍ର ବାଣ୍ଟିବା ପାଇଁ ଗଠନ କରାଯାଇଛି। ଭଦ୍ରକ ବ୍ଲକରେ ୨୭, ବାସୁଦେବପୁରରେ ୧୯, ଭଣ୍ଡାରିପୋଖରୀରେ ୯, ବନ୍ତରେ ୧୪, ଚାନ୍ଦବାଲିରେ ୧୯, ଧାମନଗରରେ ୨୧ ଓ ତିହିଡ଼ିରେ ୧୫ ମୋଟ ୧୨୪ଟି ପରୀକ୍ଷା କେନ୍ଦ୍ର କରାଯାଇଥିବା ସୂଚନା ମିଳିଛି।

### ଏମାନେ କହନ୍ତି...



“ ପରୀକ୍ଷା ପାଇଁ ମୁଁ ସମ୍ପୂର୍ଣ୍ଣ ପ୍ରସ୍ତୁତ ହୋଇଛି। ତଥାପି ମନରେ ଭୟ ରହିଛି। ୯୦%ରୁ ଅଧିକ ନମ୍ବର ରଖି ପାଶ୍ କରିବାକୁ ଆଶାବାଦୀ ଅଛି।

**- ଶ୍ୱେତା ମିଶ୍ର, ପରୀକ୍ଷାର୍ଥୀ**



“ ଆମ ମଠହିହ ନୋଡାଲ ଉଚ୍ଚ ବିଦ୍ୟାଳୟରେ ମୋଟ ୨୩୧ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସମସ୍ତ ପରୀକ୍ଷାର୍ଥୀ କିପରି ନିର୍ଭୟରେ ପରୀକ୍ଷା ଦେବେ ସେଥିଲାଗି ଧ୍ୟାନ ଦେବି।

**-ବନିତା ପୃଷ୍ଟି, ପରୀକ୍ଷା କେନ୍ଦ୍ର ପରିଚାଳିକା**



“ ଆମ ନୋଡାଲ ସେଣ୍ଟର ଅଧୀନରେ ଥିବା ୧୨ ପରୀକ୍ଷା କେନ୍ଦ୍ରର ପରିଚାଳକଙ୍କୁ ଠିକ୍ ମାର୍ଗରେ ପରୀକ୍ଷା କରିବାକୁ କୁହାଯାଇଛି। ଚଳିତବର୍ଷ ମାଟ୍ରିକ ପରୀକ୍ଷା ଭଲରେ ହେବ ବୋଲି ଆଶା।

**-ଅକ୍ଷୟ କୁମାର ହୋତା, ନୋଡାଲ ଅଫିସର**



“ ଠିକ୍ ଭାବେ ପରୀକ୍ଷା ପରିଚାଳନା ପାଇଁ ସମସ୍ତ ପ୍ରକାର ବ୍ୟବସ୍ଥା କରାଯାଇଛି। ଆଶା କରୁଛି ସମସ୍ତେ ଭଲ ନମ୍ବର ରଖି ଜିଲାର ନାଁ ରଖିବେ।

**-କପିଳେନ୍ଦ୍ର ମିଶ୍ର**
**ଜିଲା ଶିକ୍ଷାଧିକାରୀ, ଭଦ୍ରକ**

## ବାଲେଶ୍ୱର ଜିଲାରେ ୩୪, ୫୪୮ ପରୀକ୍ଷାର୍ଥୀ



ପରୀକ୍ଷା ପାଇଁ କେନ୍ଦ୍ର ନିରୀକ୍ଷକଙ୍କୁ ତାଲିମ ଦିଆଯାଉଛି।

**ବାଲେଶ୍ୱର ଅଫିସ, ୨୮।୪**

ବାଲେଶ୍ୱର ଜିଲାରେ ମୋଟ ୫୨୧ ବିଦ୍ୟାଳୟର ୩୪ହଜାର ୫୪୮ଜଣ ଛାତ୍ରୀଛାତ୍ର ମାଟ୍ରିକ ପରୀକ୍ଷା ଦେବେ। ଚଳିତମାସ ୨୯ତାରିଖରୁ ପରୀକ୍ଷା ଆରମ୍ଭ ହୋଇ ଆସନ୍ତା ମେ’ ୭ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ। ଏନେଇ ପରୀକ୍ଷା ସେଣ୍ଟରଠାରୁ ଆରମ୍ଭ କରି ପ୍ରଶ୍ନପତ୍ର ହବ୍, ସ୍କ୍ୱାଡ୍ ଗଠନ ଦିଗରେ ଜିଲା ଶିକ୍ଷାବିଭାଗ ତତ୍ପରତା ଦେଖାଇଛି। ଏଥିପାଇଁ ଜିଲାର ୧୨ଟି ବ୍ଲକରେ ୨୦୬ ସେଣ୍ଟର କରାଯିବା ସହ ପରୀକ୍ଷା ପରିଚାଳନା ପାଇଁ ପଦକ୍ଷେପ ନିଆଯାଇଛି।

ଜଳେଶ୍ୱର ବ୍ଲକରେ ୨୨ସେଣ୍ଟର ହୋଇଥିବା ବେଳେ ବସ୍ତାରେ ୧୬, ଭୋଗରାଇରେ ୨୩, ବାଲିଆପାଳରେ ୧୭, ଖଇରାରେ ୧୯, ସିମୁଳିଆରେ ୧୦, ନୀଳଗିରିରେ ୧୫, ଔପଦାରେ ୮, ରେମୁଣାରେ ୧୬, ବାହାନଗାରେ ୧୩, ସୋରରେ ୧୭ ଏବଂ ସଦର ବ୍ଲକରେ ୩୦ଟି ସେଣ୍ଟର କରାଯାଇଛି। ମୋଟ ୨୦୬ଟି ସେଣ୍ଟରରେ ରେଗୁଲାରରେ ୩୨ହଜାର ୭୬୦ଜଣ ପରୀକ୍ଷାର୍ଥୀ, ମଧ୍ୟମାରେ ୧ହଜାର ୬୭ଜଣ, ରାଜ୍ୟ ମୁକ୍ତ ବିଦ୍ୟାଳୟରେ ୭୨୧ଜଣ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ସେହିପରି ୧୨ଟି ବ୍ଲକରେ ୧୨ ନୋଡ଼ାଲ ସେଣ୍ଟର କରାଯାଇଛି। ଯେଉଁଠି ପ୍ରଶ୍ନପତ୍ର ସୁରକ୍ଷିତ ରହିବ ଓ ପରୀକ୍ଷା ଦିନ କଡ଼ା ସୁରକ୍ଷାରେ ପରୀକ୍ଷା କେନ୍ଦ୍ରକୁ ପଠାଯିବ। ଅନ୍ୟପଟେ ପରୀକ୍ଷାକୁ ସ୍ୱଚ୍ଛ ଭାବେ ପରିଚାଳନା ଦିଗରେ ୪ଟି ଫ୍ଲାଇଂ ସ୍କ୍ୱାଡ୍ ଓ ୨ଟି ସେଣ୍ଟ୍ରାଲ ସ୍କ୍ୱାଡ୍ ଗଠନ କରାଯାଇଥିବା ଜିଲା ଶିକ୍ଷାଧିକାରୀ ବିଷ୍ଣୁଚରଣ ସୂତାର ସୂଚନା ଦେଇଛନ୍ତି। ଜିଲା ପୋଲିସ ବିଭାଗ ପକ୍ଷରୁ ସୁରକ୍ଷା ବ୍ୟବସ୍ଥା କରାଯାଇଥିବା ବେଳେ ଜିଲା ପ୍ରଶାସନ ପକ୍ଷରୁ ୩୦ରୁ ଊର୍ଦ୍ଧ୍ୱ ଅଧିକାରୀଙ୍କୁ ନିଆଯାଇ ମାଜିଷ୍ଟ୍ରେଟ୍ ସ୍କ୍ୱାଡ୍ ଗଠନ କରାଯାଇଥିବା ଜଣାପଡ଼ିଛି।

## ନୃତ୍ୟଗୀତର ମଜା ନେଲେ ଗ୍ରାମବାସୀ

### ଶିରାଦେବୀଙ୍କ ଉଡାଯାତ୍ରା

**ଖଇରା, ୨୮।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ଖଇରା ବ୍ଲକ ଶ୍ୟାମସୁନ୍ଦରପୁର ପଞ୍ଚାୟତ ଅଧୀନ ଶ୍ରୀରାମପୁର ଗ୍ରାମର ମା’ ଶିରାଦେବୀ ଘଣ୍ଟବାସୁଳି ପୀଠରେ ୧୦୨ବର୍ଷ ଧରି ଚାଲି ଆସୁଥିବା ଉଡାଯାତ୍ରା ଚଳିତବର୍ଷ ବିଭିନ୍ନ କାର୍ଯ୍ୟକ୍ରମ ମଧ୍ୟରେ ୨୪ତାରିଖରେ ଉଦ୍‌ଯାପିତ ହୋଇଯାଇଛି। ଭକ୍ତମାନଙ୍କ ଦ୍ୱାରା ଉଡାଯାତ୍ରା ଆୟୋଜନ ହେବା ସହ ୧୯ରୁ ୨୪ତାରିଖ ୬ଦିନ ଧରି କୁନି କୁନି ପିଲାମାନଙ୍କ ଦ୍ୱାରା ନୃତ୍ୟ ପ୍ରତିଯୋଗିତା ଆୟୋଜନ କରାଯାଇଥିଲା। ଏଥିସହ ଓଡିଶା ସଂସ୍କୃତି ବିଭାଗ ଆନୁକୂଲ୍ୟରେ ଓଡିଶୀ ନୃତ୍ୟ, ଭଜନସନ୍ଧ୍ୟା, ଛଉ, ସମ୍ବଲପୁରୀ, ଆସିବାସୀ ନୃତ୍ୟକୁ ଦର୍ଶକ ମନଭରି ଉପଭୋଗ କରିଥିଲେ।



ଉଦ୍‌ଯାପନୀ ସମାରୋହରେ ଅତିଥିଙ୍କ ଗହଣରେ ନୃତ୍ୟ ପ୍ରତିଯୋଗୀ।

ଉଦ୍‌ଯାପନୀ ସଭାରେ ଉଡାଯାତ୍ରା କମିଟି ସଭାପତି କାଶୀନାଥ ମୁଦୁଲି, ସମ୍ପାଦକ କୃଷ୍ଣଚନ୍ଦ୍ର ଆଚାର୍ଯ୍ୟ, କୋଷାଧ୍ୟକ୍ଷ ମନୋରଞ୍ଜନ ମୁଦୁଲି, ୱାର୍ଡସଭ୍ୟ ସୁଷମା ସାହୁ ଓ ଶରତ ପରିଡା ପ୍ରମୁଖ ଅତିଥି ଭାବେ ଯୋଗଦେଇ ବକ୍ତବ୍ୟ ଦେଇଥିଲେ। ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ସୁଦାମ ଚରଣ ରାଉତ, ସିଆରସିସି ଶରତ ଚନ୍ଦ୍ର ପଣ୍ଡା ପ୍ରମୁଖ ବିଚାରକ ଭାବେ ଦାୟିତ୍ୱ ତୁଲାଇଥିଲେ।

### ଭିକ୍ଷା ଅର୍ଥ ନ ଦେବାରୁ ମା’ଙ୍କୁ ତଡିଦେଲେ ପୁଅ

**ଖଇରା, ୨୮।୪(ଡି.ଏନ.ଏ.)**

ମା’ ଭିକ୍ଷା ମାଗି ଆଣିଥିବା ଅର୍ଥକୁ ପୁଅବୋହୂଙ୍କୁ ନ ଦେବାରୁ ସେମାନେ ଘରୁ ତଡିଦେବା ଘଟଣା ବାଲେଶ୍ୱର ଜିଲା ଖଇରା ଥାନା ଅଞ୍ଚଳରେ ଚର୍ଚ୍ଚାର ବିଷୟ ହୋଇଛି। ଏନେଇ ଉକ୍ତ ବୃଦ୍ଧା ୩ଦିନ ତଳେ ଖଇରା ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଖଇରା ଥାନା ଏଏସ୍ଆଇ ଉମାକାନ୍ତ ଧଳଙ୍କ ତାଗିଦ୍ ପରେ ପୁଅ ଗୁରୁବାର ଅପରାହ୍ନରେ ଥାନାକୁ ଆସି ମା’ଙ୍କୁ ନେଇ ଘରକୁ ଫେରିଥିଲେ। ପୁଅବୋହୂ ଠିକ୍ ଭାବେ ଖାଇବାକୁ ନ ଦେବାରୁ ସେ ଭିକ୍ଷାବୃତ୍ତି କରୁଥିଲେ। ୨୫ତାରିଖରେ ତାଙ୍କ ପାଖରେ ଥିବା ଅର୍ଥକୁ ସେ ନ ଦେବାରୁ ପୁଅବୋହୂ ମାଡ ମାରି ଘରୁ ବାହାର କରିଦେଇଥିଲେ। ବୃଦ୍ଧାଜଣକ ସେହିଦିନଠାରୁ ଥାନାରେ ଆଶ୍ରୟ ନେଇ ବାହାରେ ବୁଲୁଥିଲେ ।

## ଏମ୍‌ଏସ୍‌ପି ସ୍ୱଞ୍ଜୀ ଆଇରନକୁ ଶ୍ରେଷ୍ଠ ନିଯୁକ୍ତି ବ୍ରାଣ୍ଡ ପୁରସ୍କାର




କାରଖାନା କର୍ତ୍ତୃପକ୍ଷ ପୁରସ୍କାର ଗ୍ରହଣ କରୁଛନ୍ତି।

**କେନ୍ଦୁଝର,୨୮।୪(ସ୍ୱ.ପ୍ର.)**

କେନ୍ଦୁଝରସଦର ବ୍ଲକ ହଳଦୀଗୁଣ ଗ୍ରାମରେ ଅବସ୍ଥିତ ଏମ୍‌ଏସ୍‌ପି ସ୍ୱଞ୍ଜୀ ଆଇରନ ଲିଃକୁ ମିଳିଛି ଶ୍ରେଷ୍ଠ ନିଯୁକ୍ତି ବ୍ରାଣ୍ଡ ପୁରସ୍କାର। ୱାର୍ଲ୍ଡ ଲିଡରଶିପ୍ ଅର୍ଗାନାଇଜେସନ ପକ୍ଷରୁ ୱାର୍ଲ୍ଡ ସିଏସ୍ଆର୍ ଡେ ଏବଂ ୱାର୍ଲ୍ଡ ସଷ୍ଟେନବିଲିଟିର ଫାଉଣ୍ଡର ଡ.ଆର୍.ଏଲ୍. ଭାଟିଆ ଏହି ସମ୍ମାନ ପ୍ରଦାନ କରିଛନ୍ତି। କାରଖାନାର ଚିଫ୍ ଅପରେଟିଂ ଅଫିସର୍ ଇଂ. ଦେବବ୍ରତ ସ୍ୱାଇଁ ଭୁବନେଶ୍ୱରର ସାଣ୍ଡି ଟାୱାର ହୋଟେଲରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଏହି ସମ୍ମାନ ଗ୍ରହଣ କରିଥିବା ବେଳେ ଏଚ୍ଆର୍ ହେଡ୍ ରଞ୍ଜନ ଜେନା, ଆସିଷ୍ଟାଣ୍ଟ ମ୍ୟାନେଜର ଅର୍ପିତ ପଟ୍ଟନାୟକ, ଟେକ୍ନିକାଲ ଆସିଷ୍ଟାଣ୍ଟ ସତ୍ୟବ୍ରତ ସାହୁ ଉପସ୍ଥିତ ଥିଲେ।

## ଚାଷୀଙ୍କୁ ମିଳିଲା ବିହନ ପ୍ୟାକେଟ

**ବାହାନଗା, ୨୮।୪(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ସାଉଡୁ ପଞ୍ଚାୟତରେ କୃଷି ଓ କୃଷକ ସଶକ୍ତିକରଣ ଉଦ୍ୟାନ ବିଭାଗ ପକ୍ଷରୁ କୃଷକମାନଙ୍କୁ ପନିପରିବା ବିହନ ପ୍ୟାକେଟ ପ୍ରଦାନ କରାଯାଇଛି । ମୁଖ୍ୟଅତିଥି ଭାବେ ସୋର ବିଧାୟକ ପର୍ଶୁରାମ ଧଡା ଯୋଗଦେଇ ଚାଷୀମାନଙ୍କୁ ସରକାର ସଶକ୍ତିକରଣ କରିବା ନିମନ୍ତେ ପନିପରିବା ଚାଷ ପାଇଁ ମାଗଣାରେ ୨୦ପ୍ରକାର ପରିବା ମଞ୍ଜି ଥିବା ଏକ ପ୍ୟାକେଟ ପ୍ରଦାନ କରି ସେମାନଙ୍କୁ ଚାଷ ପ୍ରତି ଉତ୍ସାହିତ କରାଯାଉଛି ବୋଲି କହିଥିଲେ। ଉଦ୍ୟାନ ବିଭାଗ ଉପଦର୍ଶକ (ଓଭରସିଅର) ବି.ଏନ. ଶତପଥି, ଉଦ୍ୟାନ ବିଭାଗ କର୍ମଚାରୀ ଦିବ୍ୟପ୍ରକାଶ ମହାପାତ୍ର, ଉଦ୍ୟାନ ସାଥି ପଙ୍କଜ କୁମାର ପଣ୍ଡା, ୧୮ ନମ୍ବର ଜୋନ ଜିଲା ପରିଷଦ




ବିଧାୟକ ପର୍ଶୁରାମ ଧଡା ବିହନ ପ୍ୟାକେଟ ପ୍ରଦାନ କରୁଛନ୍ତି।

ସଭ୍ୟ ନିଳାମ୍ବର ମହାଳିକ, ୧୯ ନମ୍ବର ଜୋନର ଜିଲାପରିଷଦ ସଭ୍ୟା ବିନପ୍ରଭା ଶିଅଳ, ୨୦ ନମ୍ବର ଜୋନ ଜିଲାପରିଷଦ ସଭ୍ୟ ଶିଶିର କୁମାର ଅଗସ୍ତି ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ। ଏଥିରେ ୧୯ ପଞ୍ଚାୟତର ପଞ୍ଜିକୃତ ପରିବା ଚାଷୀମାନଙ୍କୁ ପରିବା ଚାଷ ନିମନ୍ତେ ବିହନ ପ୍ୟାକେଟ ପ୍ରଦାନ କରାଯାଇଥିଲା। ପ୍ରଥମ ଦିନରେ ୧୦୦ଜଣ ଚାଷୀଙ୍କୁ ଏହି ବିହନ ପ୍ୟାକେଟ ପ୍ରଦାନ କରାଯାଉଛି। କାର୍ଯ୍ୟକ୍ରମରେ ସାଉଡୁ ସରପଞ୍ଚ କମଳଲୋଚନ ପଣ୍ଡା, ସମିତିସଭ୍ୟ ରାସେଶ୍ୱରୀ ମହାପାତ୍ର, ବିଜୟ ମହାପାତ୍ର, ବ୍ଲକ ସଭାପତି ଅଜୟ କୁମାର ପଣ୍ଡାଙ୍କ ସମେତ କୁଚିଆକୋଇଲି, ଦାଣ୍ଡହରୀପୁର, ଚିଉଳ ଆଦି ପଞ୍ଚାୟତର ସରପଞ୍ଚ ଓ ସମିତିସଭ୍ୟା ସଭ୍ୟମାନେ ଉପସ୍ଥିତ ଥିଲେ ।

### ପ୍ରାଣୀ ଚିକିତ୍ସା ଶିବିର

**ବାସୁଦେବପୁର,୨୮।୪ (ଡି.ଏନ.ଏ.)**

ବିଶ୍ୱ ପ୍ରାଣୀ ଚିକିତ୍ସା ସପ୍ତାହ ଅବସରରେ ଭଦ୍ରକ ଜିଲା ପ୍ରାଣୀଧନ ବିଭାଗ ପକ୍ଷରୁ ବାସୁଦେବପୁର ବ୍ଲକ ସୁଦର୍ଶନପୁର ପଞ୍ଚାୟତର ଜଗନ୍ନାଥିଠାରେ ଗୁରୁବାର ପ୍ରାଣୀ ଚିକିତ୍ସା ଶିବିର ଅନୁଷ୍ଠିତ ହୋଇଛି। ୫୦ରୁ ଊର୍ଦ୍ଧ୍ୱ ଗୋରୁଙ୍କ ଚିକିତ୍ସା ସହ ଗର୍ଭ ପରୀକ୍ଷା କରାଯାଇ ଔଷଧ ବଣ୍ଟନ କରାଯାଇଥିଲା। ପ୍ରାଣୀମାନଙ୍କର ଗ୍ରୀଷ୍ମକାଳୀନ ଚିକିତ୍ସା ସମ୍ପର୍କରେ ଲୋକଙ୍କୁ ସଚେତନ କରାଯାଇଛି। ଜିଲା ମୁଖ୍ୟ ପ୍ରାଣୀ ଚିକିତ୍ସାଧିକାରୀ ଡା. ଶୁଭେନ୍ଦୁ ମିଶ୍ର, ଗୋଷ୍ଠୀ ପ୍ରାଣୀ ଚିକିତ୍ସାଧିକାରୀ ଡା. ରାଜେଶ କୁଅଁରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଶିବିରରେ ପ୍ରାଣୀଧନ ନିରୀକ୍ଷକ ଉଦୟ ବେହେରା, ପ୍ରିୟବ୍ରତ ରାଉତ, ସରସ୍ୱତୀ ବଳ ଚିକିତ୍ସା କରିଥିଲେ। ଚାଷୀ ବାସନ୍ତୀ ବେହେରା, ଚିନ୍ତାମଣି ନାଥ, ଅନ୍ନପୂର୍ଣ୍ଣା ଅଗସ୍ତୀ ପ୍ରମୁଖ ଶିବିରରେ ଯୋଗ ଦେଇଥିଲେ।

## ଅଭିଯୁକ୍ତଙ୍କୁ ୪ବର୍ଷ କାରାଦଣ୍ଡାଦେଶ

### ମରଣାନ୍ତକ ଆକ୍ରମଣ ମାମଲା

**ବାରିପଦା ଅଫିସ,୨୮।୪**

ବାରିପଦା ମୁଖ୍ୟ ବିଚାର ବିଭାଗୀୟ ମାଜିଷ୍ଟ୍ରେଟ ତଥା ସହକାରୀ ଜିଲା ଦୌରା ଜଜ୍‌ଙ୍କ କୋର୍ଟରେ ଏକ ମରଣାନ୍ତକ ଆକ୍ରମଣ ମାମଲାର ରାୟ ପ୍ରକାଶ ପାଇଛି। ଜଜ୍ ଦେବଦତ୍ତ ପଟ୍ଟନାୟକ ମାମଲାର ବିଚାର କରି କୁଳିଅଣା ଥାନା ଅଧୀନ ଜଗନ୍ନାଥପୁର ଗ୍ରାମର ଅଭିଯୁକ୍ତ ଦୁଲା ମୁର୍ମୁ(୪୬)ଙ୍କୁ ଦୋଷୀ ସାବ୍ୟସ୍ତ କରି ୪ବର୍ଷ ଜେଲ ଦଣ୍ଡାଦେଶ ଶୁଣାଣି କରିଛନ୍ତି। ଏହା ସହିତ ୫ହଜାର ଟଙ୍କା ଜରିମାନା ଓ ଜରିମାନା ଅନାଦେୟ ଅଧିକ ଏକ ବର୍ଷ ଜେଲଦଣ୍ଡ ଭୋଗିବାକୁ ରାୟରେ ଉଲ୍ଲେଖ ରହିଛି।

ସୂଚନା ଅନୁଯାୟୀ, ୨୦୨୧ ଜୁନ ୧୫ତାରିଖରେ ଜଗନ୍ନାଥପୁର ଗ୍ରାମର ସରସ୍ୱତୀ ବାସ୍କେ(୧୬) ଓ ତାଙ୍କ ମା’ ନାନୀ ବାସ୍କେ ଘରେ ଶୋଇଥିବା ସମୟରେ ଦୁଲା ଏକ କୁରାଢ଼ି ଧରି ସେଠାରେ ପହଞ୍ଚି ସରସ୍ୱତୀଙ୍କ ମୁଣ୍ଡକୁ ଏକ ଚୋଟ ମାରିଥିଲେ। ସରସ୍ୱତୀଙ୍କ ଚିତ୍କାର ଶୁଣି ମା’ ନିଦରୁ ଉଠି ପଡ଼ିବା ସହ ଦୁଲାଙ୍କୁ କାବୁ କରି ପଡ଼ୋଶୀମାନଙ୍କୁ ଡାକ ପକାଇଲେ। ଗୁରୁତର ଅବସ୍ଥାରେ ସ୍ଥାନୀୟ ଲୋକେ ବାରିପଦା ପିଆରଏମ୍ ମେଡିକାଲରେ ଭର୍ତି କରିଥିଲେ ହେଁ ଅବସ୍ଥା ସଙ୍କଟାପନ୍ନ ଥିବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ସେଠାରେ ୨୪ଦିନ ଚିକିତ୍ସିତ ହେବା ପରେ ସେ ସୁସ୍ଥ ହୋଇ ଘରକୁ ଫେରିଥିଲେ। ତେବେ ଖବରପାଇ ପୋଲିସ ପହଞ୍ଚି ଦୁଲାଙ୍କୁ ଗିରଫ କରିଥିଲା। ସରକାରଙ୍କ ପକ୍ଷରୁ ଏପିପି ବ୍ରଜେନ୍ଦ୍ର ମହାନ୍ତି ମାମଲା ପରିଚାଳନା କରୁଥିଲେ।

## ୧୪ କେନ୍ଦ୍ରରେ ୩୩୫୬ ମାଟ୍ରିକ୍ ପରୀକ୍ଷାର୍ଥୀ

**ଠାକୁରମୁଣ୍ଡା/ବାଙ୍ଗିରିପୋଷି, ୨୮।୪(ଡି.ଏନ.ଏ.)**

ମୟୂରଭଞ୍ଜ ଜିଲା ଠାକୁରମୁଣ୍ଡା ଓ ବାଙ୍ଗିରିପୋଷି ବ୍ଲକର ୧୪ଟି ପରୀକ୍ଷା କେନ୍ଦ୍ରରେ ଶୁକ୍ରବାରଠାରୁ ମୋଟ ୩୩୫୬ ପରିକ୍ଷାର୍ଥୀ ମାଟ୍ରିକ୍ ପରୀକ୍ଷା ଦେବେ। ଠାକୁରମୁଣ୍ଡା ବ୍ଲକର ୮ଟି କେନ୍ଦ୍ରରେ ୧୭୧୩ ଓ ବାଙ୍ଗିରିପୋଷି ବ୍ଲକର ୬ଟି କେନ୍ଦ୍ରରେ ୧୬୪୩ ପରୀକ୍ଷାର୍ଥୀ ପରୀକ୍ଷା ଦେବେ। ଠାକୁରମୁଣ୍ଡା ଉଚ୍ଚ ବିଦ୍ୟାଳୟ ନୋଡାଲ କେନ୍ଦ୍ର ହୋଇଥିବା ବେଳେ ୧୪୪ ପରୀକ୍ଷା ନିରୀକ୍ଷକ ନିଯୁକ୍ତ ହୋଇଥିବା ଠାକୁରମୁଣ୍ଡା ନୋଡାଲ ସ୍କୁଲର ପ୍ରଧାନ ଶିକ୍ଷକ ଭାଗ୍ୟବାନ ମହାନ୍ତ କହିଛନ୍ତି।

ସେହିପରି ବାଙ୍ଗିରିପୋଷି ନୂତନ ସରକାରୀ ଉଚ୍ଚ ବିଦ୍ୟାଳୟକୁ ନୋଡାଲ ସେଣ୍ଟର ରୁପେ ବଛାଯିବା ସହ ବ୍ଲକରେ ଥିବା ୬ଟି ପରୀକ୍ଷା କେନ୍ଦ୍ର ଗୁଡ଼ିକୁ ଉତ୍ତର ଖାତା ସହ କୁଳିଅଣା ନୋଡାଲ ସେଣ୍ଟରରୁ ଜଗନ୍ନାଥଖୁଣ୍ଟା ସରକାରୀ ଉଚ୍ଚବିଦ୍ୟାଳୟ ଓ ଶୀର୍ଷା ନୋଡାଲ ସେଣ୍ଟର ପକ୍ଷରୁ ଗୌରୀଚନ୍ଦ୍ର ସରକାରୀ ବିଦ୍ୟାଳୟ ମାଧ୍ୟମରେ ବିତରଣ କରାଯିବାର ବ୍ୟବସ୍ଥା ହୋଇଛି। ଓଡ଼ଶା ମଧ୍ୟମିକ ଶିକ୍ଷକ ସଂଘ ଓଷ୍ଟା ସଭାପତି ଅର୍ଜୁନ କୁମାର ଦାଶ ଏବଂ ସମ୍ପାଦକ ବିକାଶ କୁମାର ପଣ୍ଡା ସମସ୍ତ ପରୀକ୍ଷା ପରିଚାଳକ ଏବଂ ପରିକ୍ଷାର୍ଥୀମାନଙ୍କୁ ଶୁଭକାମନା ଜଣାଇଛନ୍ତି।

## ବ୍ଲକସ୍ତରୀୟ କୃଷିମେଳା

**ସଜନାଗଡ, ୨୮।୪(ଡି.ଏନ.ଏ.)**

ନୀଳଗିରି ବ୍ଲକ ମଛୁଆ ପଞ୍ଚାୟତର ସିଙ୍ଗିରି ଗ୍ରାମରେ କୃଷି ଓ କୃଷକ ସଶକ୍ତିକରଣ ବିଭାଗ ଆନୁକୂଲ୍ୟରେ ନୀଳଗିରି ପକ୍ଷରୁ ବ୍ଲକସ୍ତରୀୟ କୃଷକମେଳା ଅନୁଷ୍ଠିତ ହୋଇଯାଇଛି। ଗୁରୁବାର ବିଭିନ୍ନ ପଞ୍ଚାୟତରୁ ୨୦୦ରୁ ଊର୍ଦ୍ଧ୍ୱ ଚାଷୀ ଉପସ୍ଥିତ ଥିଲେ। କୃଷିର ବିଭିନ୍ନ ପଦ୍ଧତି ବିଷୟରେ ଆଲୋଚନା କରାଯାଇଥିଲା। ନୀଳଗିରି କୃଷି ବିଭାଗର ଭାରପ୍ରାପ୍ତ ଗୋଷ୍ଠୀ କୃଷି ଅଧିକାରୀ ନୀଳିମା ପ୍ରିୟଦର୍ଶିନୀ ମହାପାତ୍ରଙ୍କ ପୌରୋହିତ୍ୟ କରିଥିଲେ। ନୀଳଗିରି ବିଧାୟକ ଇଂ. ସୁକାନ୍ତ କୁମାର ନାୟକ, ନୀଳଗିରି ପଞ୍ଚାୟତ ସମିତି ଅଧ୍ୟକ୍ଷା ଶୁଭଲକ୍ଷ୍ମୀ ମାଝି, ଉପାଧ୍ୟକ୍ଷ ଜ୍ୟୋତିର୍ମୟୀ ପୁଥାଳ, ୧୧ନମ୍ବର ଜୋନ ଜିଲାପରିଷଦ ସଭ୍ୟ ଗତିକୃଷ୍ଣ ନନ୍ଦ, ଏମ୍‌ପି ପ୍ରତିନିଧି କରୁଣାକର ପଣ୍ଡା, ଆତ୍ମାର ଚେୟାରମ୍ୟାନ ଗଙ୍ଗାଧର ମିଶ୍ର, ଏଡିଏ ପ୍ରଦୀପ କୁମାର ନାୟକ, ଏଏଓ ପ୍ରଜ୍ଞାଶ୍ରୀ ଚାନ୍ଦ ପ୍ରମୁଖ କୃଷିମେଳା ସମ୍ବନ୍ଧୀୟ ବକ୍ତବ୍ୟ ଦେଇଥିଲେ। ସମସ୍ତ ଗ୍ରାମପଞ୍ଚାୟତରୁ ଆସିଥିବା ସରପଞ୍ଚ ଓ ସମିତିସଭ୍ୟ ପ୍ରମୁଖ ଅତିଥି ଭାବେ ଯୋଗ ଦେଇଥିଲେ।




କୃଷି ମେଳାରେ ମଞ୍ଚାସୀନ ଅତିଥିଗଣ।

## ୧୫ ଦିନ ମଧ୍ୟରେ ନ ଚାଲିଲେ ରେଳରୋକୋ

### ପୁରୀ-ବଡ଼ବିଲ ଟ୍ରେନ୍

**କେନ୍ଦୁଝର,୨୮।୪ (ସ୍ୱ.ପ୍ର.)**

କେନ୍ଦୁଝର ଜିଲାରୁ ଖଣିଜ ପଥର ପରିବହନ କରି ଲାଭବାନ ହେଉଥିବା ରେଲଓ୍ୱେ ବିଭାଗ ଏହି ଜିଲାକୁ ଅବହେଳା କରୁଛି। ସମ୍ପ୍ରତି ତୈଳ ଦର ବୃଦ୍ଧି ଯୋଗୁ ବସ୍ ଯୋଗେ ଯାତ୍ରା ବିଶେଷକରି ଗରିବ ଲୋକଙ୍କ ପାଇଁ ଚିନ୍ତାର ବିଷୟ ହୋଇଛି। ଏଭଳି ସମୟରେ ରେଲଓ୍ୱେ ବିଭାଗ ଜିଲାର ଅନ୍ୟତମ ଟ୍ରେନ୍ ଚାଲୁ କରିବାରେ ବିଳମ୍ବ କରୁଥିବାରୁ ଅସନ୍ତୋଷ ପ୍ରକାଶ ପାଇଛି। କୋଭିଡ୍ କଟକଣା ଆଳରେ ବନ୍ଦ କରାଯାଇଥିଲା ପୁରୀ-ବଡ଼ବିଲ (ଇଣ୍ଟରସିଟି) ଟ୍ରେନ୍। କଟକଣା ଉଠିବା ସତ୍ତ୍ୱେ ଅଦ୍ୟାବଧି ପୁନଃ ଚାଲୁ ହୋଇପାରୁ ନାହିଁ। ଏନେଇ ବାରମ୍ବାର ଅଭିଯୋଗ ପରେ ମଧ୍ୟ ଏ ଦିଗରେ ପଦକ୍ଷେପ ନିଆଯାଉ ନାହିଁ। ଏମ୍‌ପି ଚନ୍ଦ୍ରାଣୀ ମୁର୍ମୁ, ସଦର ବିଧାୟକ ମୋହନ ମାଝିଙ୍କ ସମେତ ଭାଜପାର ବହୁ ନେତା ବ୍ୟକ୍ତିଗତ ଭାବେ ରେଳମନ୍ତ୍ରୀଙ୍କୁ ଭେଟି ଦାବିପତ୍ର ଦେଇଥିଲେ ମଧ୍ୟ କୌଣସି ସୁଫଳ ମିଳିପାରି ନ ଥିବା କେନ୍ଦୁଝର ଯୁବ ପରିଷଦ ପକ୍ଷରୁ ଅଭିଯୋଗ କରାଯାଇଛି। ଏହାର ପ୍ରତିବାଦରେ ଗୁରୁବାର ଯୁବ ପରିଷଦ କେନ୍ଦୁଝରଗଡ଼ ଷ୍ଟେଶନ ମାଷ୍ଟରଙ୍କ ଜରିଆରେ ପୂର୍ବତଟ ରେଲଓ୍ୱେ ଜିଏମ୍‌ଙ୍କୁ ଦାବିପତ୍ର ପ୍ରଦାନ କରିଛି। ୧୫ ଦିନ ମଧ୍ୟରେ ଏହି ଟ୍ରେନ୍ ନ ଚାଲିଲେ ଶାନ୍ତିପୂର୍ଣ୍ଣ ଭାବେ ରେଳରୋକୋ ଆନ୍ଦୋଳନ କରାଯିବ ବୋଲି ପରିଷଦର ଆବାହକ ବରୋଦା ପ୍ରସନ୍ନ ଦାସ ଚେତାବନୀ ଦେଇଛନ୍ତି। ଦାବିପତ୍ରର କପି ଜିଲାପାଳ, ଏସ୍‌ପି ଓ ଏମ୍‌ପିଙ୍କୁ ଅବଗତି ନିମନ୍ତେ ପ୍ରଦାନ କରାଯାଇଛି।



ଯୁବ ପରିଷଦ ପକ୍ଷରୁ ଦାବିପତ୍ର ଦିଆଯାଉଛି।

ପ୍ରକାଶ ଯେ, ଏହି ଟ୍ରେନ୍ ଉପରେ ଦୈନିକ ବହୁ ଲୋକ ନିର୍ଭର କରି ରାଜଧାନୀ, କଟକ ବଡ଼ ମେଡିକାଲ, ହାଇକୋର୍ଟକୁ କାମରେ ଯିବା ଆସିବା କରୁଥିଲେ। ସେହିପରି ବ୍ୟବସାୟୀ ଓ ଛାତ୍ରୀଛାତ୍ର ମଧ୍ୟ ନିର୍ଭର କରୁଥିଲେ। ଟ୍ରେନ୍ ବନ୍ଦ ଯୋଗୁ ଲୋକେ ଏବେ ବସ୍ ଉପରେ ନିର୍ଭରଶୀଳ। ହେଲେ ଭଡ଼ା ବୃଦ୍ଧି କାରଣରୁ ବସ୍‌ରେ ଯିବାଆସିବା କରିବା ସେମାନଙ୍କ ପକ୍ଷେ କଷ୍ଟକର ହୋଇପଡୁଛି।

